## ସଂକ୍ଷେପରେ

### ମୁନିଗୁଡ଼ା କଲେଜ ଅଧକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ମୁନିଗୁଡ଼ା, ୩୧।୧୦(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧକ୍ଷ ଦେବବ୍ରତ ରାଜଗୁରୁଙ୍କୁ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କ୍ରୀଡ଼ା ଅଧ୍ୟାପକ ଚତୁର୍ଭୁଜ ବନ୍‌ଛୋରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ଆଇନଜୀବୀ ବୃନ୍ଦାବନ ଗୌଡ଼ ଉପସ୍ଥିତ ରହି ଅବସରପ୍ରାପ୍ତ ଅଧକ୍ଷ ରାଜଗୁରୁଙ୍କୁ ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । କଲେଜର ନୂତନ ଅଧକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଥିବା ବରିଷ୍ଠ ପ୍ରାଧାପିକା କଲ୍ୟାଣୀ ପାଢ଼ୀ, ଅଧାପିକା ସୁମତି ରଣା, ବରିଷ୍ଠ କିରାଣି ଜିତେନ୍ଦ୍ର ଗୌଡ଼, ଲାଇବ୍ରେରୀ ଅଧିକାରୀ ଧୀରେନ୍ଦ୍ର ସୁବୁଦ୍ଧି ପ୍ରମୁଖ ମଞ୍ଚାସୀନ ଥିଲେ। ରାଜଗୁରୁ ଦୀର୍ଘବର୍ଷ ଧରି ଏହି ମହାବିଦ୍ୟାଳୟରେ ଜଣେ ଅଧାପକ ଭାବେ ଦାୟିତ୍ୱ ଗ୍ରହଣ କରିଥିବାବେଳେ ଜଣେ ଆଦର୍ଶ ଅଧାପକ, ଭଲ ମଣିଷ ଭାବେ ନିଜର ପରିଚୟ ସୃଷ୍ଟି କରିଥିବା ମଞ୍ଚାସୀନ ଅଧାପିକା ଓ ଅନ୍ୟମାନେ କହିଥିଲେ। ଏଥିସହ ତାଙ୍କ ଆଗାମୀ ଜୀବନ ସୁଖମୟ ହେବା ପାଇଁ କାମନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଓ ବିଜ୍ଞାନ କଲେଜର ଅଧାପକ ଓ ଅଧାପିକାମାନେ ଉପସ୍ଥିତ ରହି ରାଜଗୁରୁଙ୍କ ସ୍ମୃତିଚାରଣ କରିଥିଲେ। ବିଜ୍ଞାନ କଲେଜର ଅଧ୍ୟାପକ ଦେବାଶିଷ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଦାମନଯୋଡି,୩୧।୧୦(ନରସିଂହ ବ୍ରହ୍ମା)

ନବରତ୍ନ କମ୍ପାନୀ ନାଲକୋ ଏବଂ ସରସ୍ୱତୀ ବିଦ୍ୟା ମନ୍ଦିର ପକ୍ଷରୁ ପୃଥକ ପୃଥକ୍ ଭାବେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଡ. ଆମ୍ବେଡକର ଷ୍ଟାଡିୟମଠାରେ ନାଲକୋ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସମୂହ ମହାପ୍ରବନ୍ଧକ ରସିଦ ୱାରିଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମୂହ ମହାପ୍ରବନ୍ଧକ ଅମରେନ୍ଦ୍ର ମିଶ୍ର, ଇଂ. ନିହାର ରଞ୍ଜନ ମହାନ୍ତି, ହିମାଂଶୁ ଶେଖର ପଣ୍ଡା, ମହାପ୍ରବନ୍ଧକ ସରୋଜ ନାଥ, ଜିଏମ ବିଚ୍ଛନ୍ଦ ଚରଣ ଦାଶ, ସିଆଇଏସଏଫ୍ କମାଣ୍ଡାଣ୍ଟ ସତିଶ ସିଂ,ପ୍ରବନ୍ଧକ ଅରୁଣ ମହାନ୍ତି, ପ୍ରବନ୍ଧକ ଭି.ଅନୁରାଧା ଏବଂ ନାଲ୍‌କୋ କର୍ମଚାରୀ ଉପସ୍ଥିତ ରହି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଡ. ଶୁଭାଂଶ ଶେଖର ବାହିନୀପତି ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ।

### ତିରୋଧାନ ଦିବସ ପାଳିତ

ଦାମନଯୋଡି,୩୧।୧୦(ନରସିଂହ ବ୍ରହ୍ମା)

ନାଲ୍‌କୋ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସର୍ଗତ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ମଙ୍ଗଳବାର ପାଳିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ନାଲକୋ ଇଡି ଇଂ. ସୁଶୀଳ ପାଢ଼ୀ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କର ସ୍ମୃତିଚାରଣ କରିଥିଲେ। ଇନ୍ଦିରାଗାନ୍ଧୀ ନବରତ୍ନ କମ୍ପାନୀ ନାଲ୍‌କୋର ଭିତିପ୍ରସ୍ତର ସ୍ଥାପନ କରିଥିଲେ। ତାଙ୍କର ଦୂରଦୃଷ୍ଟି ପାଇଁ କୋରାପୁଟ ଜିଲାରେ ଶିଳ୍ପ ପ୍ରତିଷ୍ଠା ସମ୍ଭବ ହୋଇପାରିଛି ବୋଲି ପାଢୀ କହିଥିଲେ। ଏଥିରେ ସମୁହ ମହାପ୍ରବନ୍ଧକ ଅମରେନ୍ଦ୍ରମିଶ୍ର, ଇଂ. ନିହାର ରଞ୍ଜନ ମହାନ୍ତି, ଇଂ. ରସିଦ ୱାରିଶ, ହିମାଂଶୁ ଶେଖର ପଣ୍ଡା, ମହାପ୍ରବନ୍ଧକ ସରୋଜ ନାଥ, ପ୍ରବନ୍ଧକ ଅରୁଣ ମହାନ୍ତି, ସମସ୍ତ ଶ୍ରମିକ ସଂଘ ନେତାମାନେ ଥିଲେ।

### ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ

କୋରାପୁଟ,୩୧।୧୦(ଅମିତାଭ ବେହେରା)

ଜିଲା ପ୍ରଶାସନ ଓ ଜିଲା ସ୍ମାରକୀ କମିଟି ଅନୁକୂଲ୍ୟରେ ମଙ୍ଗଳବାର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା ମୁଖ୍ୟଅତିଥିଭାବେ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା କୃଷ୍ଣ କୁଲଦୀପ, ମିନାକ୍ଷୀ ବାହିନୀପତି, ଲଳିତ ମୋହନ ପଟ୍ଟନାୟକ, ରୁପକ ତୁରୁକ,ଭଗବାନ ବାହିନୀପତି, ଜିଲା ସ୍ମାରକୀ କମିଟିର ରମାନାଥ ଶର୍ମା ,ଖବରଦାତା ଅମିତାଭ ବେହେରା, ଘନଶ୍ୟାମ ରଥ, ଭବାନୀ ଶଙ୍କର ମିଶ୍ର, ରଞ୍ଜନ ଦାସ ଉପସ୍ଥିତ ଥିଲେ।

# ହାର୍ଡୱେର ଦୋକାନରେ ଜିଏସ୍‌ଟି ଚଢ଼ାଉ

ରାୟଗଡ଼ା,୩୧।୧୦(ଆଶିଷ ରଞ୍ଜନ ପଣ୍ଡା)



ଜିଏସଟି ଏନଫୋର୍ସମେଣ୍ଟ ଅଧିକାରୀମାନେ ଦୋକାନରେ ଯାଞ୍ଚ କରୁଛନ୍ତି।

ରାୟଗଡ଼ା ସହର ନ୍ୟୁ କୋଲୋନୀସ୍ଥିତ ଜେଜିପି ଭବାନୀ ଏଜେନ୍ସିରେ ମଙ୍ଗଳବାର ଜିଏସ୍‌ଟି ଏନଫୋର୍ସମେଣ୍ଟ ପକ୍ଷରୁ ଚଢ଼ାଉ ହୋଇଛି। ଜେଜିପି ଭବାନୀ ଏଜେନ୍ସି ଟିକସ ଫାଙ୍କିବା ଅଭିଯୋଗରେ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଡେପୁଟି କମିଶନର ତୁଫାନ ବେମାଲଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ଏହି ଚଢ଼ାଉ କରିଥିବା ସୂଚନା ମିଳିଛି। ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଟିମ୍ ୨୦୧୭ରୁ ବର୍ତ୍ତମାନ ସୁଦ୍ଧା ସମସ୍ତ ନଥିପତ୍ର ଯାଞ୍ଚ କରି ଫେରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଗୋଦାମ ପରିସରରେ ଥିବା ଷ୍ଟକ ମଧ୍ୟ ଯାଞ୍ଚ କରାଯାଇଛି। ଏଥିପାଇଁ ଜିଏସ୍‌ଟି ବିଭାଗ ପକ୍ଷରୁ ପୋଲିସ ସହାୟତା ନିଆଯାଇଥିଲା। ସେହି ସ୍ଥାନରେ ପୋଲିସ ଟିମ୍ ନିୟୋଜିତ ହେବା ସହ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏପରି କି ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଥିଲା। ଏ ସମ୍ପର୍କରେ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ତୁଫାନ ବେମଲ କହିଛନ୍ତି, ଜବତ ନଥିପତ୍ର ଯାଞ୍ଚ କରାଯିବା ପରେ ଯାହା ବି ପଦକ୍ଷେପ ନିଆଯିବ। ଦୋକାନ ମାଲିକ ଭି. ଗୌରୀ ପ୍ରସାଦ କହିଛନ୍ତି ଯେ, ଜିଏସ୍‌ଟି ବିଭାଗ ଅଧିକାରୀ ଆସି ତଦନ୍ତ କରିଥିଲେ। ଆମେ ସେମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିଛୁ ଏବଂ ଆଗକୁ ମଧ୍ୟ ସହଯୋଗ କରିବୁ। ଆମ ଚାଟାର୍ଡ ଆକାଉଣ୍ଟାଣ୍ଟ ସେମାନଙ୍କ ସମସ୍ତ ତଥ୍ୟ ଦେବା ସହିତ ପ୍ରଶ୍ନର ଉତ୍ତର ଦେଇଥିବା କହିଛନ୍ତି।

# ଜଳିଗଲେ ପତ୍ନୀ, ବାପ ଝିଅ ଗୁରୁତର

## ଶର୍ଟସର୍କିଟରୁ ଅଗ୍ନିକାଣ୍ଡ

ଗୁଣପୁର,୩୧।୧୦(ପ୍ରଦୀପ କୁମାର ପାଢ଼ୀ )

ରାୟଗଡା ଜିଲା ଗୁଣୁପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଅସ୍ଥାୟୀ କଲୋନୀରେ ମଙ୍ଗଳବାର ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡରେ ୩ଟି ପରିବାରର ୮ ବଖରା ଘର ପୋଡ଼ି ଯାଇଛି । ନିଆଁ ଏତେ ଭୟାବହ ଥିଲା ଯେ, ଘଟଣାସ୍ଥଳରେ ଜଣେ ୫୦ ବର୍ଷୀୟା ମହିଳା ପ୍ରଭାତି ସାନପଲେଇଙ୍କ ମୃତ୍ୟୁ ଘଟିଛି। ନିଆଁରେ ପୋଡି ହୋଇ ତାଙ୍କ ସ୍ୱାମୀ ଓ ଝିଅ ଗୁରୁତର ହୋଇଛନ୍ତି । ଉଭୟ ବାପା ଝିଅଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଘଟଣା ସମ୍ପର୍କରେ ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୁଣୁପୁର ଉପଜିଲାପାଳ ଲଳିତ କୁମାର କହଁର, ତହସିଲଦାର ଲୀଳାବତୀ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡା, ସହକାରୀ ଜିଲାପାଳ ସତ୍ୟଜିତ ନାୟକ ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧାନ କରିଥିଲେ । ସଟସର୍କିଟ ଯୋଗୁଁ ଏଭଳି କାଣ୍ଡ ଘଟିଥିବା ଜଣାପଡିଛି।

# କାଳୀପୂଜା ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ



କାଳୀପୂଜା ପାଇଁ ପୂଜାର୍ଚ୍ଚନା କରାଯାଇ ଶୁଭଖୁଣ୍ଟି ସ୍ଥାପନ କରାଯାଉଛି।

ରାୟଗଡ଼ା,୩୧।୧୦(ଆଶିଷ ରଞ୍ଜନ ପଣ୍ଡା)

ଫ୍ରେଣ୍ଡସ ୟୁଥ୍ ଆସୋସିଏଶନ ଆନୁକୂଲ୍ୟରେ ୪୧ତମ କାଳୀ ପୂଜା (ଦଶ ମହାବିଦ୍ୟା) ଉତ୍ସବ ଉପଲକ୍ଷେ ସୋମବାର ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି । ବ୍ଲକ କଲୋନୀସ୍ଥିତ କାଳୀ ମନ୍ଦିରରେ ମଙ୍ଗଳବାର ରୀତିନୀତି ଅନୁଯାୟୀ ପୁରୋହିତ ପୂଜାର୍ଚ୍ଚନା କରିବା ପରେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଥିଲା। ଏହି ସମୟରେ ସହ କର୍ତ୍ତା ଭାବେ ସନ୍ତୋଷ ରଥ ଉପସ୍ଥିତ ଥିଲେ। ଶୁଭ ଖୁଣ୍ଟି ସ୍ଥାପନ ପରେ ଆଣ୍ଠାମାଳ ନିମନ୍ତେ ପାଇକପଡାସ୍ଥିତ ପ୍ରସିଦ୍ଧ ଦକ୍ଷିଣକାଳୀ ମନ୍ଦିର ଅଭିମୁଖେ ସହକର୍ତ୍ତାଙ୍କ ସହ ସଦସ୍ୟମାନେ ବାହାରିଥିଲେ । ପାଇକପଡାସ୍ଥିତ ଦକ୍ଷିଣକାଳୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଆଣ୍ଠାମାଳ ଅଣାଯାଇ ମୂର୍ତ୍ତି କାରିଗର ବିନୋଦ ବେହେରାଙ୍କ ତତ୍ତ୍ୱାବଧାନରେ ମା' କାଳୀଙ୍କର ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଶୁଭ ଖୁଣ୍ଟି ସ୍ଥାପନ ସମୟରେ ସଭାପତି ଦିଲୀପ ପଟ୍ଟନାୟକ, ଉପ-ସଭାପତି ଶିବାଜୀ ଦାସ, ସାଧାରଣ ସମ୍ପାଦକ ଶିବ ପଟ୍ଟନାୟକ, ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, କୋଷାଧକ୍ଷ ଗୌରୀ ପଟ୍ଟନାୟକ, ସଭ୍ୟ ପ୍ରସନ୍ନ କୁମାର ରାଓ, ନୀଳମାଧବ ପାଢୀ, ସୁନୀଲ କୁମାର ପାଣିଗ୍ରାହୀ, ମଦନ ମୁନ୍ନଚେଟି, ଦୀପକ କୁମାର ଗୌଡ, ଅନିଲ ବିଶ୍ୱାଳ, ରବୀନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ୧୨ରୁ ୨୨ତାରିଖ ପର୍ଯ୍ୟନ୍ତ ମା' ଦକ୍ଷିଣ କାଳୀଙ୍କ ଦଶମହାବିଦ୍ୟା ପୂଜାର୍ଚ୍ଚନା ହେବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି ।



ରାୟଗଡ଼ା ନ୍ୟୁ-କଲୋନୀସ୍ଥିତ ପେଣ୍ଡାଲରେ ମା' ଗଜଲକ୍ଷ୍ମୀଙ୍କ ପୂଜା ।

# ମହିଳା କିକ୍ ବକ୍ସିଂରେ ରାୟଗଡ଼ାକୁ ୩ ପଦକ

ରାୟଗଡ଼ା,୩୧।୧୦ (ଆଶିଷ ରଞ୍ଜନ ପଣ୍ଡା)




କାଂସ୍ୟ ପଦକ ଜିତିଥିବା ୩ କ୍ରୀଡାବିତ୍।

ରାଉରକେଲାଠାରେ ଚଳିତ ମାସ ୨୮ ଓ ୨୯ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ଖେଲୋ ଇଣ୍ଡିଆ ମହିଳା କିକ୍ ବକ୍ସିଂ ପ୍ରତିଯୋଗିତାରେ ରାୟଗଡ଼ା ଜିଲାର ପ୍ରତିଯୋଗୀଙ୍କୁ ସଫଳତା ମିଳିଛି । ଭାରତ ସରକାରଙ୍କ କ୍ରୀଡା ବିଭାଗ ଓ ୱାକୋ ଆମେଚର କିକ୍ ବକ୍ସିଂ ଆସୋସିଏଶନ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ରାୟଗଡାରୁ ଅଂଶଗ୍ରହଣ କରିଥିବା ବାଳିକା କ୍ରୀଡାବିତ୍‌ଙ୍କୁ ୩ଟି କାଂସ୍ୟ ପଦକ ମିଳିଛି । କନିଷ୍ଠ ବର୍ଗରେ ରାୟଗଡାର ଶ୍ରୀୟଙ୍କା ଶବର ୩୫ ରୁ ୩୭ କେଜି ବର୍ଗରେ, ଅନୁଷ୍କା କୁଲୁ ୨୬ ରୁ ୨୮ କେଜି ବର୍ଗରେ ଏବଂ ସନ୍ତୋଷିନୀ ରଥ ୪୬ରୁ ୪୮ କେଜି ବର୍ଗରେ ଭାଗନେଇ କାଂସ୍ୟ ପଦକ ହାସଲ କରିଛନ୍ତି । ରାୟଗଡ଼ା କିକ୍ ବକ୍ସିଂ ଆସୋସିଏଶନ ପକ୍ଷରୁ ମୁଖ୍ୟ କୋଚ୍ ଅର୍ଜୁନ ବୁଧାୟକଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ାବିତ୍‌ମାନେ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇ ପଦକ ଜିତି ଫେରିଛନ୍ତି । ରାୟଗଡ଼ା ଫେରିବା ପରେ କ୍ରୀଡ଼ାବିତ୍‌ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ଅଲିମ୍ପିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରାଯାଇଛି ।

# ସମସ୍ୟା ସମାଧାନ କର ନ ହେଲେ ଭୋଟ ବର୍ଜନ

କୋରାପୁଟ,୩୧।୧୦(ଅମିତାଭ ବେହେରା )

ଦଶମନ୍ତପୁର ବ୍ଲକର ପଦୁଗୁଡା ଗ୍ରାମ ଗତ ଅଗଷ୍ଟ ମାସରେ ଚର୍ଚ୍ଚାକୁ ଆସିଥିଲା ।ଗ୍ରାମର ବିଭିନ୍ନ ସମସ୍ୟାକୁ ନେଇ ଜଣେ କୁନି ଝିଅ ଅଭିନୟ ମାଧ୍ୟମରେ ସ୍ୱାଧୀନତା ଦିବସରେ ଉପସ୍ଥାପନା କରିଥିଲେ । ଏହି ସମୟରେ ମନ୍ତ୍ରୀ, ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ପଦୁଗୁଡା ଗ୍ରାମ ସମସ୍ତଙ୍କ ନଜରକୁ ଆସିଥିଲା। ସମସ୍ତେ ଗ୍ରାମରସମସ୍ୟା ସମାଧାନ ନେଇ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏ ପର୍ଯ୍ୟନ୍ତ ଗ୍ରାମର କୌଣସି ସମସ୍ୟାର ସମାଧାନ ହୋଇପାରିନି। ଏନେଇ ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଜିଲା ପରିଷଦ ଜୋନ ସଦସ୍ୟ ଧନପତି ସାଉନ୍ତା କହିଛନ୍ତି । ରାସ୍ତା, ପାନୀୟ ଜଳ ଓ ଶିକ୍ଷା ସମସ୍ୟାକୁ ସମାଧାନ କରିବାକୁ ଗ୍ରାମବାସୀ ଜିଲାପାଳ ଅବଦାଲ ଏମ. ଅଖତରଙ୍କ ନିକଟରେ ଦାବି କରିଥିଲେ। ଏହି ସମୟରେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି ମଧ୍ୟ ଗ୍ରାମକୁ ଆସି ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏଯାଏ କୌଣସି ପ୍ରତିଶ୍ରୁତି ପୂରଣ ହୋଇନି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମ ସମସ୍ୟା ସମାଧାନ ନ ହେଲେ ସେମାନେ ଆଗାମୀ ସାଧାଧାରଣ ନିର୍ବାଚନ ବେଳେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ଜୁଆଆଡ୍ଡାରେ ଚଢ଼ାଉ, ୫ ବାଇକ୍ ଜବତ

ନନ୍ଦପୁର, ୩୧।୧୦ (ଶଙ୍କର ପୂଜାରୀ)

ଦଶହରା ପରେ କୁମାର ପୂର୍ଣ୍ଣିମା ଓ ଦିପାବଳୀ ପାଳନ ଲାଗି ନନ୍ଦପୁର ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଏହି ସମୟରେ ହେଉଥିବା ଜୁଆଖେଳ ପୋଲିସ ରୋକୋ ଲଗାଇଛି। ତେବେ ନନ୍ଦପୁରର ସୁବାଇ ଓ ପାଲିବା ଅଞ୍ଚଳରେ ଜୁଆଖେଳ ଚାଲିଥିବା ସୂଚନା ପାଇ ପୋଲିସ ଚଢାଉ କରିଛି। ଜୁଆ ଖେଳୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୫ଜଣଙ୍କ ବାଇକ୍ ଜବତ କରିଛି। ଏହି ଚଢାଉରେ ନନ୍ଦପୁର ଆଇଆଇସି ଆଶ୍ରିତା ଖାଲକୋ, ଏସ୍‌ଆଇ ବେଦବର ସାହୁ, ଦିପ୍ତିମୟୀ ଧାରୁଆଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ପୋଲିସ ଜୁଆଆଡ୍ଡାରେ ଥିବା ଗୋଟିଏ ସ୍କୁଟି, ୪ଟି ବାଇକ, ତାସ ଓ ପଟି ଆଦି ସାମଗ୍ରୀ ଜବତ କରିଛି।

# କାଗଜ କଳ ଶ୍ରମିକ ସମସ୍ୟା ନେଇ ଜିଲାପାଳଙ୍କ ସହ ଆଲୋଚନା

କୋରାପୁଟ,୩୧।୧୦(ଅମିତାଭ ବେହେରା )



ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

କୋରାପୁଟ ଜିଲା ଜୟପୁର କାଗଜ କଳ ଶ୍ରମିକ ସମସ୍ୟା ନେଇ ମଙ୍ଗଳବାର ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ ପ୍ରଥମ ଓ ଦ୍ୱିତୀୟ ୟୁନିୟନର ଶ୍ରମିକ ନେତା ପ୍ରମୋଦ ମହାନ୍ତି, ପ୍ରଦୀପ ପାଣ୍ଡିଆ, ସରୋଜ ସୁଆର ଓ ବଂଶୀଧର ମହାକୁଡ ଜିଲାପାଳ ଅବଦାଲ ଏମ. ଅଖତରଙ୍କୁ ଭେଟି ଆଲୋଚନା କରିଛନ୍ତି। ଗତ ୬ ମାସ ହେଲା କାଗଜ କଳ ବିଭିନ୍ନ ସମସ୍ୟାରେ ଗତି କରୁଛି। ଶ୍ରମିକଙ୍କ ବକେୟା ଦରମା ପ୍ରଦାନ କରାଯାଇ ନାହିଁ। କଞ୍ଚାମାଲ ଦେଇଥିବା ବ୍ୟକ୍ତି ଏବଂ ଗାଡିମୋଟର ଲଗାଇଥିବା ମାଲିକମାନେ ସେମାନଙ୍କ ପ୍ରାପ୍ୟ ପାଇନାହାନ୍ତି। ପ୍ରଥମେ ଶ୍ରମିକଙ୍କ ଦରମା ଦିଆଯାଉ ଏବଂ ୨୦୧୨-୧୫ ତ୍ରିପାକ୍ଷିକ ଚୁକ୍ତିକୁ କାଗଜ କଳ କର୍ତ୍ତୃପକ୍ଷ କାର୍ଯ୍ୟକାରୀ କରନ୍ତୁ ବୋଲି ଆଲୋଚନା ବେଳେ ଶ୍ରମିକମାନେ ଦାବି କରିଥିଲେ। ଏହି ଅବସରରେ ଦୁଇ ୟୁନିୟନ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମ୍ୟାନେଜମେଣ୍ଟ ଶ୍ରମିକ ମାନଙ୍କୁ ଦରମା ଦେଉ ନ ଥିବା ଜିଲାପାଳ ଜାଣିବା ପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଶ୍ରମିକ ମାନଙ୍କ ରହିଥିବା ସମସ୍ୟା ସମାଧାନ ନେଇ ଆଗାମୀ ଦିନରେ ସେ ପଦକ୍ଷେପ ନେବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ପୂର୍ବତନ ମନ୍ତ୍ରୀ ନନ୍ଦ କହିଛନ୍ତି।

# ଝଞ୍ଜାବତୀ ମହିଳା ୱାକର୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ରାୟଗଡା,୩୧।୧୦(ଭାଗ୍ୟଶ୍ରୀ ମିଶ୍ର )

ରାୟଗଡା ଝଞ୍ଜାବତୀ ମହିଳା ୱାକର୍ସ କ୍ଲବର ପ୍ରତିଷ୍ଠା ଦିବସ ଅବସରରେ ମଙ୍ଗଳବାର ସହରର ଅଣ୍ଡାରୀଗୁଡା ନିକଟସ୍ଥ ଢେପ ସାହିରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। କ୍ଲବ ସଭାପତି ଅରୁଣା ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ କ୍ଲବର ସତ୍ୟବାଦୀ ପତି, ଅଞ୍ଚଳ ଉପସଭାପତି ଅଭିମନ୍ୟୁ ନାୟକ, ପିଡିଜି ଟି. ଜୟରାମ, କ୍ଲବ ଉପଦେଷ୍ଟା ଡ. ଦୁଷ୍ମନ୍ତ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ଲବର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ୟୁଜିଏମ୍‌ଆଇଟି କଲେଜ ସମ୍ମୁଖରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ରୋହିତ କୁମାର କୁଣ୍ଡୁ ଓ ତାଙ୍କ କର୍ମଚାରୀଙ୍କ ସମେତ ଏପି ଏମ. କିରଣ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଶିବିରର ୮୦ଜଣ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଝଞ୍ଜାବତୀ ମହିଳା କ୍ଲବର ସମ୍ପାଦିକା ରଶ୍ମିତା ପଣ୍ଡା, କୋଷାଧକ୍ଷା ନମିତା ପାଢ଼ୀ, ଉପସଭାପତି ସୁଜାତା ମାଦଳା, ସେନାପତି ସନ୍ତୋଷୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।




ସ୍ୱାସ୍ଥ୍ୟସେବା ଶିବିରରେ ଉପସ୍ଥିତ ଅଧିକାରୀ ଏବଂ କ୍ଲବ୍ ସଦସ୍ୟା।

# ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଶୋଭାଯାତ୍ରା




ଶୋଭାଯାତ୍ରାରେ ସାମିଲ ହୋଇଥିବା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଅଧାପିକା ଓ ଅଧାପକମାନେ।

ଗୁଣପୁର,୩୧।୧୦ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ଡ. ଏଭିଏନ୍‌ଏଲ୍ ଶର୍ମା ଯୋଗଦେଇ ସମ୍ବିଧାନର ଦାୟିତ୍ୱବୋଧ ଓ ନୀତିଗୁଡ଼ିକ ପାଳନ କରିବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଏହାସହ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା କରାଯାଇଥିଲା। ଏଥିରେ କମ୍ପ୍ୟୁଟର ସାଇନ୍ସ ବିଭାଗର ଡେପୁଟି ଡିନ୍ ସଞ୍ଜୟ କୁମାର କୁଅଁର, ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ ଅଧାପିକା ଅଧାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ପ୍ରେମାଂଶୁ ଶେଖର ରଥ, ପ୍ରମୋଦ କୁମାର ପଣ୍ଡା, ବାଣୀ ପ୍ରସାଦ ନାୟକ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସିଟିଓ ତାପସ ପାଣିଗ୍ରାହୀ, କ୍ରୀଡ଼ା ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ସେହିଭଳି ଗାୟତ୍ରୀ ମହାବିଦ୍ୟାଳୟ ପରିସରରେ ମଧ୍ୟ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ପ୍ରଶାସନିକ ଅଧିକାରୀ ପି. ଭି. କୋଟେଶ୍ୱର ରାଓଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ଜଗଦୀଶ ଖୁଣ୍ଟିଆଙ୍କ ସମେତ ଛାତ୍ରୀଛାତ୍ର, ଅଧାପିକା ଅଧାପକ ଓ କର୍ମଚାରୀ ଉପସ୍ଥିତ ରହି ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ ।

## ସଂକ୍ଷେପରେ

### ଅଟୋ ଦୁର୍ଘଟଣାରେ ଜଣେ ମୃତ, ୧୦ ଆହତ



ଦଶମନ୍ତପୁର,୩୧।୧୦ (ଅରବିନ୍ଦ ନାୟକ)

ଏକ ଦଶାହ କାର୍ଯ୍ୟରେ ଯୋଗ ଦେଇ ନିଜ ଘରକୁ ଫେରୁଥିବା ବେଳେ ଗୋଟିଏ ପରିବାର ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ସେମାନେ ଆସୁଥିବା ଅଟୋ ଦୁର୍ଘଟଣାଗ୍ରସ୍ତ ହେବାକରୁ ଜଣକର ମୃତ୍ୟୁ ହୋଇଛି। ୧୦ ଜଣ ଆହତ ହୋଇଛନ୍ତି। ଏପରି ଘଟିଛି ଦଶମନ୍ତପୁର ବ୍ଲକ ଚଣାବାଡ ପଞ୍ଚାୟତ ଏସ.ଦଣ୍ଡାବାଡ ଗ୍ରାମରେ। ମୃତକ ଜଣକ ହେଲେ ଜଗୁ ଜାନି (୫୦)। ଆହତମାନେ ହେଲେ ବାଙ୍କ ମିଣିଆକା, ଉରିଅ ମେଲେକା, ଦାଶ ଜାନି, ଆଲମେ ଜାନି, କଷାଇ ମେଲେକା, ପାଲାଇ ମେଲେକା, ଆରତ କୁଲେସିକା, ରାଜେନ୍ଦ୍ର କୁଲେସିକା, ରୁପାଇ ସାନ୍ତା, ଫୁଲମେ ଜାନି ଏବଂ ସାଲ ଜାନି। ସମସ୍ତେ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଖବରରୁ ଜଣାପଡିଛି, ପ୍ରାୟ ୧୫ ଜଣ ଲୋକ ଏକ ଅଟୋ ଯୋଗେ ଲକ୍ଷ୍ମୀପୁର ବ୍ଲକ ଡୁନପାର ପଞ୍ଚାୟତ କୈଞ୍ଜାରି ଗୁଡା ଗ୍ରାମର ରାମ ସାଉନ୍ତାଙ୍କ ଦଶାହ କାର୍ଯ୍ୟରେ ଯୋଗ ଦେଇ ଗ୍ରାମକୁ ଫେରୁଥିବା ବେଳେ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଅଟୋ ଓଲଟିପଡ଼ିଥିଲା। ଫଳରେ ଜଣକର ମୃତ୍ୟୁ ହୋଇଥିବା ବେଳେ ୧୦ ଜଣ ଆହତ ହୋଇଛନ୍ତି।

### ସାପ କାମୁଡାରେ ଯୁବତୀ ଗୁରୁତର

ଦଶମନ୍ତପୁର, ୩୧।୧୦ (ଅରବିନ୍ଦ ନାୟକ)

ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଗୌଡକନ୍ଧ ଗ୍ରାମର ଜଣେ ଯୁବତୀ ମଙ୍ଗଳବାର ସାପ କାମୁଡାରେ ଗୁରୁତର ହୋଇଛନ୍ତି। ସେ ହେଲେ ଗୁରୁବାରୀ ଗୌଡ (୨୦)। କିଛି ବର୍ଷ ତଳେ ଗୁରୁବାରୀଙ୍କ ମାଆବାପାଙ୍କ ମୃତ୍ୟୁ ହୋଇଥିଲା। ଗୁରୁବାରୀ ଗ୍ରାମବାସୀଙ୍କ ଗୋରୁ ଚରାଇ ଚଳୁଥିଲେ। ସବୁ ଦିନ ପରି ଗୁରୁବାରୀ ଗ୍ରାମରୁ ଗୋରୁ ନେଇ ଚରାଇବାକୁ ଯାଇଥିଲେ। ଗୋରୁ ଚରାଉଥିବା ବେଳେ ଏକ ବିଷଧର ।ପ ତାଙ୍କୁ କାମୁଡି ଦେଇଥିଲା। ଏଥିରେ ସେ ଗୁରୁତର ହୋଇପଡିଥିଲେ। ତାଙ୍କ ପାଟି ଶୁଣି ନିକଟରେ ଗୋରୁ ଚରାଉଥିବା ଅନ୍ୟଜଣେ ଝିଅ ପ୍ରତିମା ଗୌଡ ଗ୍ରାମକୁ ଖବର ଦେଇଥିଲା। ଗୁରୁବାରିଙ୍କ ମାମୁ ଝିଅ ଦୁତିକା ତାଙ୍କୁ ଏକ ଅଟୋ ଯୋଗେ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁବାରୀଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି।

### ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାର ସହାୟତା ବଣ୍ଟନ ଶିବିର

ବୈପାରିଗୁଡା,୩୧।୧୦ (କଳ୍ପତରୁ ମହାନ୍ତି)

ଶହୀଦ ଲକ୍ଷ୍ମଣ ନାୟକ ପାଠାଗାରଠାରେ ଶ୍ରମବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାର ଏକ ସହାୟତା ବଣ୍ଟନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ରଘୁରାମ ପଡାଲ ଯୋଗଦେଇ ଶ୍ରମିକମାନଙ୍କ ବିକାଶ ପାଇଁ ରାଜ୍ୟ ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିପାଇଁ ଶ୍ରମିକ କଲ୍ୟାଣବୋର୍ଡରେ ପଞ୍ଜୀକରଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଭାସ୍କରଚନ୍ଦ୍ରସାହୁ , ଜିଲା ପରିଷଦ ସଭ୍ୟ ରାଜେଶ ମହୁରିଆ, ଜିଲା ପରିଷଦ ସଭ୍ୟା ମଣି ଜାନି, ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ସରପଞ୍ଚ ସୂର୍ଯ୍ୟମଣି ନାୟକଙ୍କ ସହ ଜିଲା ଶ୍ରମବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀ ପରିଚାଳନା କରିଥିଲେ।

# ସିଡିଓ, ଶ୍ରମ ଅଧିକାରୀଙ୍କୁ ପଞ୍ଚାୟତବାସୀଙ୍କ ଅଭିଯୋଗପତ୍ର

ନନ୍ଦପୁର, ୩୧।୧୦(ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଆନ୍ଧ୍ର ସୀମାନ୍ତ ଚାଟୁଆ ପଞ୍ଚାୟତର ଏକାଧିକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। କାମ କମ୍ କରି ଅଧିକ ବିଲ ହେବା ଏବଂ ଆଦୌ କାମ ନ କରି ଟଙ୍କା ଉଠା ଯାଇଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏପରି କି ମୃତ ଏବଂ ଅସହାୟ ବ୍ୟକ୍ତିଙ୍କୁ ଦିନ ମଜୁରିଆ ଦର୍ଶାଇ ସେମାନଙ୍କ ବ୍ୟାଙ୍କ ଖାତାରେ ଟଙ୍କା ଜମା କରି ଉଠାଯାଇଥିବା ଚାଟୁଆବାସୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସେମାନେ ଏ ସମ୍ପର୍କିତ ଅଭିଯୋଗ ପତ୍ର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇସଲୱାଲ (ସିଡିଓ) ଓ ଜିଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀଙ୍କୁ ପ୍ରଦାନ କରିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଭୟ ଅଧିକାରୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ନନ୍ଦପୁର ବ୍ଲକ ଚାଟୁଆ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କରାଯାଉଥିବା ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ନାଏବ ସରପଞ୍ଚ ମାଝୀ ବାବୁ ଓ ପୂର୍ବତନ ସରପଞ୍ଚ ପୂର୍ଣ୍ଣ ପାଙ୍ଗୀଙ୍କ ନେତୃତ୍ୱରେ ୨୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ସିଡିଓଙ୍କୁ ଭେଟି ମଙ୍ଗଳବାର ଦାବିପତ୍ର ଦେଇଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ୱାର୍କ କୋଡ୍ ୧୦୬୦୪୩୭୯ ଥାଇ ୫୦ହେକ୍ଟର ଜମିରେ କଫି ଚାଷପାଇଁ ଛାୟାବୃକ୍ଷ ରୋପଣ, ୧୦୫୪୯୩୩୩, ୧୦୫୪୯୨୩୬, ୧୦୫୪୯୨୩୫, ୧୦୫୪୯୦୭୨ ୱାର୍କକୋଡ୍‌ଥାଇ ୪ଟି ଲୁଜ ବୋଲ୍ଡର ବଣ୍ଟିଂ କାର୍ଯ୍ୟ ଓ ୧୦୬୪୭୧୦୧ ୱାର୍କ କୋଡ୍ ଥାଇ ଜଳନ୍ଧର ମାଝୀଙ୍କ ଜମି ମରାମତି କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ବ୍ୟୟ ଅଟକଳଠାରୁ କାମ କମ୍ କରି ଅଧିକ ବିଲ୍ କରାଯାଇଛି। ଆଦୌ କାମ ନ କରି ମଧ୍ୟ ଅନ୍ୟ ଗ୍ରାମର କେତେ ଜଣ ଲୋକଙ୍କ ନାମରେ ମଜୁରି ଟଙ୍କା ଉଠା ଯାଇଛି। ୨୦୨୦ରୁ ମୃତ୍ୟୁବରଣ କରିସାରିଥିବା ନୀଳା ପାଙ୍ଗିଙ୍କୁ ୨୦୨୩ ପର୍ଯ୍ୟନ୍ତ ଜୀବିତ ଥିବା ଦର୍ଶାଇ ତାଙ୍କ ବ୍ୟାଙ୍କ ଜମାଖାତାକୁ ମଜୁରି ଟଙ୍କା ପ୍ରଦାନ କରାଯାଇଛି। ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ହିତାଧିକାରୀ ବୃଦ୍ଧ ସମ୍ଭୁଲୁ ଗୁଞ୍ଜୁଲିଙ୍କୁ ବିଭିନ୍ନ କାର୍ଯ୍ୟରେ ମଜୁରିଆ ଦର୍ଶାଇ କାର୍ଯ୍ୟରତ ଜିଆରଏସ୍ ଓ ମେଟ ମଜୁରି ଟଙ୍କା ହଡ଼ପ କରିଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଲୋକଙ୍କ ଅଭିଯୋଗକୁ ଗୁରୁତର ସହ ନିଆଯାଇ ଏହାର ତଦନ୍ତ କରାଯିବ ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ..... ଓ ବିଡିଓ ଦୁର୍ଗାପ୍ରସାଦ ଦୋରା କହିଛନ୍ତି। ଅନ୍ୟପକ୍ଷରେ କିଛିଦିନ ତଳେ ଚାଟୁଆ ପଞ୍ଚାୟତର ମାଳି ପାହାଡ଼ରେ କଫି ଜଙ୍ଗଲ ସୃଷ୍ଟି ପାଇଁ ଚାରା ରୋପଣକୁ ନେଇ କଉଡ଼ିଖାଲ ଓ ତୋଡ଼ିଙ୍ଗ ଗ୍ରାମ ମଧ୍ୟରେ ବିବାଦ ହୋଇଥିଲା। ବିବାଦର ସମାଧାନ କରିବାକୁ ଯାଇ ତତକାଳୀନ ଉପଜିଲାପାଳ ବ୍ଲକସ୍ତରୀୟ ଅଧିକାରୀଙ୍କୁ ନେଇ ବିବାଦୀୟ ଜମି ଚିହ୍ନଟ କରି ୧୪୪ ଧାରା ଜାରି କରିଥିଲେ। ଅନ୍ୟ ଜାଗାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଛାୟା ବୃକ୍ଷ ରୋପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଚାଟୁଆ ପଞ୍ଚାୟତ ଜିଆରଏସ୍ ହରିଶ୍ଚନ୍ଦ୍ର ଖରାଙ୍କୁ ପଚାରିବାରୁ ସେ କହିଲେ, ସମସ୍ତ କାର୍ଯ୍ୟର ବିଲ୍ ଯନ୍ତ୍ରୀଙ୍କ ଦ୍ୱାରା କରାଯାଇଛି। ଏଥିରେ କୌଣସି ଅନିୟମିତତା ହୋଇନାହିଁ।

### ଏମ୍‌ଜିଏନଆରଇଜିଏସ୍‌ରେ ଅନିୟମିତତା


Copy to DRDA PD,koraput
Copy to lebour officer ,koraput

ଏମ୍‌ଜିଏନଆରଇଜିଏସ୍‌ରେ ହୋଇଥିବା ଦୁର୍ନୀତି ନେଇ ପଞ୍ଚାୟତବାସୀ ଦେଇଥିବା ଅଭିଯୋଗପତ୍ର।



ଦାମନଯୋଡ଼ି ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀ ପୂଜା ପାଉଛନ୍ତି।

# ଦାମନଯୋଡିରେ ମା'ଗଜଲକ୍ଷ୍ମୀଙ୍କ ପୂଜା

ଦାମନଯୋଡି,୩୧।୧୦(ନରସିଂହ ବ୍ରହ୍ମା)

ନାଲ୍‌କୋ ଟାଉନଶିପ୍‌ରେ ମା'ଗଜଲକ୍ଷ୍ମୀଙ୍କ ପୂଜା ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହେଉଛି। ମା' ଗଜଲକ୍ଷ୍ମୀଙ୍କ ଆକର୍ଷଣୀୟ ମୃଣ୍ମୟ ମୂର୍ତ୍ତି, ପୂଜାମଣ୍ଡପର ସାଜସଜା ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହୁଛି। ମଙ୍ଗଳବାର ପୂଜାମଣ୍ଡପରେ ଭଜନ ସମାରୋହ ହୋଇଥିଲା। ପୂଜକ ପଟ୍ଟାମୁଣ୍ଡାଇର ପ୍ରଦୀପ ରଞ୍ଜନ ମିଶ୍ର ଓ ନେମାଳର ଅମର ଦାଶ ପୂଜାନୀତି ସମ୍ପନ୍ନ କରିଥିଲେ। ସକାଳ ୭ଟାରେ କଳସ ଯାତ୍ରା ପରେ ମା'ଙ୍କର ଷୋଡ଼ଶ ଉପଚାର ପୂଜା ଓ ହୋମଯଜ୍ଞ ହୋଇଥିଲା। ପୂଜା କମିଟି ସଭାପତି ହିମାଂଶୁ ଶେଖର ପଣ୍ଡା ଓ ସମ୍ପାଦକ ନିର୍ମଳ ରାଉତ, ମନୋଜ ବେହେରା, ଚିତ୍ତ ରାୟ, ବିରଜା ସାହୁ, କୈଳାସ ମହାରଣା,ସୀତେନ୍ଦୁ ମହାରଣା, ରଶ୍ମି ମହାରଣା, ନିରାକାର ସାହୁ ଓ ପ୍ରଫୁଲ୍ଲ ମୁନୀ ପୂଜା ପରିଚାଳନା କରୁଛନ୍ତି। ସେହିପରି ସେକ୍ଟର-୧ ଓ ୨ ପୂଜା କମିଟିର ପୂଜା ଚଳିତବର୍ଷ ୩୨ବର୍ଷରେ ପଦାର୍ପଣ କରିଛି। ସେକ୍ଟର-୨ ମଣ୍ଡପରେ ପୂଜକ ପିପିଲିର ଲିଟୁ ମିଶ୍ର ପୂଜା ନୀତି ସମ୍ପାଦନ କରିଥିଲେ। ପୂଜା କମିଟି ସଭାପତି ବିରଞ୍ଚି ନାରାୟଣ ମହାନ୍ତି, ସମ୍ପାଦକ ମହେଶ୍ୱର ବାରିକ, ମନୋରଞ୍ଜନ ପଣ୍ଡା, ଶୁକଦେବ ପଟ୍ଟାୟତ, ରିଙ୍କୁ ମିଶ୍ର, ସୁନୀଲ ଦାଶ, ଶ୍ରୀକାନ୍ତ ପାଣିଗ୍ରାହୀ, ପ୍ରଭାତ ସାହୁ ପୂଜା ପରିଚାଳନା କରିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁର୍ନୀତି ନିବାରଣ ଶପଥ ପାଠ



ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀମାନେ ଶପଥ ପାଠ କରୁଛନ୍ତି।

ଦାମନଯୋଡି,୩୧।୧୦(ନରସିଂହ ବ୍ରହ୍ମା)

ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହେଉଛି। ଏହିଅବସରରେ ପ୍ରଥମ ଦିନ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର,କର୍ମଚାରୀ ଓ ଠିକାକର୍ମଚାରୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ କୁମାର ଟପ୍ପୋ, ସାଧୁତା,ସଚ୍ଚୋଟତା ଓ ଆଇନର ଶାସନକୁ ଅନୁପାଳନ ଲାଗି ଶପଥ ପାଠ କରାଇଥିଲେ।' ଲାଞ୍ଚ ନେବିନାହିଁ କି ଦେବି ନାହିଁ, ଜନସାଧାରଣଙ୍କ ହିତ ପାଇଁ କାର୍ଯ୍ୟ କରିବି' ବୋଲି ଶପଥ ପାଠ କରାଇଥିଲେ। ଡା. ସୁଶ୍ରିତା ଦାସ, ଭାରପ୍ରାପ୍ତ ପିଏଚଇଓ ମକର ଜାନି, ବିରଜା ଶଙ୍କର ବେହେରା, ନର୍ସିଂ ଅଧିକାରିଣୀ ସୁନୀତା କେରକେଟା, ସୁପର ଭାଇଜର ରାଧିକା ସୋରେନ, ସୀମାଞ୍ଚଳ ପରିଡ଼ା, ଜଗନ୍ନାଥ ବିଶ୍ୱାସରାୟ, ଜିତେନ୍ଦ୍ର ବାହାଦୂର, ଭିବିଟିଏସ ଶ୍ରୀନିବାସ ନାୟକ, ବ୍ଲକ ଡାଟା ମ୍ୟାନେଜର ପ୍ରକାଶ ସ୍ୱାଇଁ, ସିଏଚଓ ଅବିନାଶ ଦାସ,ଏଲଟି ସୁକେତ ବିଷୋୟୀ, ଫାର୍ମାସିଷ୍ଟ ଚିନ୍ମୟୀ ଆଚାର୍ଯ୍ୟ,ସ୍ୱାସ୍ଥ୍ୟକର୍ମୀ ସୁଶାନ୍ତ ଭଞ୍ଜ, ଜି.ଦୁର୍ଗାପ୍ରସାଦ,ଏମଆରଏ ଗୌରୀଶଙ୍କର ସାଉନ୍ତା ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରାର୍ଥନା ସଭାଗୃହ ଉଦ୍‌ଘାଟିତ

ଜୟପୁର,୩୧।୧୦ (ପବନ ପାଣିଗ୍ରାହୀ )

ଜୟପୁର ବ୍ଲକ କଙ୍ଗାଠାରେ ମଙ୍ଗଳବାର ଏକ ପ୍ରାର୍ଥନା ସଭାଗୃହ ଉଦ୍‌ଘାଟିତ ହୋଇଛି। କଙ୍ଗା ସରପଞ୍ଚ ଯମୁନା ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କଙ୍ଗାରେ ଚର୍ଚ୍ଚ ଗୃହ ରହିଛି ହେଲେ ପ୍ରାର୍ଥନା ସଭାଗୃହ ନ ଥିଲା। ଫଳରେ ପ୍ରାର୍ଥନା କରିବାରେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ଅଭାବ ଏବେ ପୂରଣ ହୋଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ଲୋକନାଥ ନାଗ, ସମ୍ପାଦକ ସାଧୁରାମ ହିଆଲ, କୋଷାଧ୍ୟକ୍ଷ ରବିସିଂ ସୁନା, ସଜିତ୍ ସୁନା, ମନୋଜ ବେଶ୍ରା, ଲାଲୁ ସାଗରିଆ, ହେମନ୍ତ ଗୌଡ଼, ପ୍ରତାପ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

### ବିକଶିତ ଅର୍ଥନୀତି ଭାରତକୁ ବିଶ୍ୱଗୁରୁର ମାନ୍ୟତା ଦେବ



ଜାତୀୟ ଏକତା ଦିବସ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର, ଅଧକ୍ଷ ଓ କର୍ମଚାରୀମାନେ।

କୋରାପୁଟ,୩୧।୧୦(ଅମିତାଭ ବେହେରା)

#### ରାଷ୍ଟ୍ରୀୟ ଏକତା ଦିବସ

କୋରାପୁଟ ସରକାରୀ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅକ୍ଟୋବର ୩୧କୁ ଜାତୀୟ ଏକତା ଦିବସ ରୂପେ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷ ଦୀପକ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସେ ଉପସ୍ଥିତ ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବାର ଶପଥ ପାଠ କରାଇଥିଲେ। ଆଗାମୀ ଦିନରେ ଭାରତର ବିକଶିତ ଅର୍ଥନୀତି ଭାରତକୁ ବିଶ୍ୱଗୁରୁର ମାନ୍ୟତା ଦେବ ବୋଲି ଉପସ୍ଥିତ ଅତିଥି ଡ. କୁଳଦୀପ ଲାକ୍ରା ଓ ଡ. ଜାଗତ କୃଷ୍ଣ ତ୍ରିପାଠୀ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ରାଷ୍ଟ୍ରୀୟ ଏକତାର ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ପ୍ରକାଶ ପ୍ରଧାନ, ଶିବ ଶଙ୍କର ପଟ୍ଟନାୟକ, ଏମ. ଦୀପକ କୁମାର, ଡ. ସୁଶୀଲ ଗଡ଼ନାୟକ ପରିଚାଳନା କରିଥିଲେ।

### ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁର୍ନୀତି ନିବାରଣ ଶପଥ ପାଠ

ଦାମନଯୋଡି,୩୧।୧୦(ନରସିଂହ ବ୍ରହ୍ମା)

ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହେଉଛି। ଏହି ଅବସରରେ ପ୍ରଥମ ଦିନ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର,କର୍ମଚାରୀ ଓ ଠିକାକର୍ମଚାରୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ କୁମାର ଟପ୍ପୋ ସାଧୁତା, ସଚ୍ଚୋଟତା ଓ ଆଇନର ଶାସନକୁ ଅନୁପାଳନ ଲାଗି ଶପଥ ପାଠ କରାଇଥିଲେ। 'ଲାଞ୍ଚ ନେବିନାହିଁ କି ଦେବି ନାହିଁ, ଜନସାଧାରଣଙ୍କ ହିତ ପାଇଁ କାର୍ଯ୍ୟ କରିବି' ବୋଲି ଶପଥ ପାଠ କରାଇଥିଲେ। ଡା. ସୁଶ୍ରିତା ଦାସ, ଭାରପ୍ରାପ୍ତ ପିଏଚଇଓ ମକର ଜାନି, ବିରଜା ଶଙ୍କର ବେହେରା, ନର୍ସିଂ ଅଧିକାରିଣୀ ସୁନୀତା କେରକେଟା, ସୁପରଭାଇଜର ରାଧିକା ସୋରେନ, ସୀମାଞ୍ଚଳ ପରିଡ଼ା, ଜଗନ୍ନାଥ ବିଶ୍ୱାସରାୟ, ଜିତେନ୍ଦ୍ର ବାହାଦୁର, ଭିବିଟିଏସ୍ ଶ୍ରୀନିବାସ ନାୟକ, ବ୍ଲକ ଡାଟା ମ୍ୟାନେଜର ପ୍ରକାଶ ସ୍ୱାଇଁ, ସିଏଚଓ ଅବିନାଶ ଦାସ,ଏଲଟି ସୁକେତ ବିଷୋୟୀ, ଫାର୍ମାସିଷ୍ଟ ଚିନ୍ମୟୀ ଆଚାର୍ଯ୍ୟ, ସ୍ୱାସ୍ଥ୍ୟକର୍ମୀ ସୁଶାନ୍ତ ଭଞ୍ଜ, ଜି.ଦୁର୍ଗାପ୍ରସାଦ,ଏମ୍‌ଆର୍‌ଏ ଗୌରୀଶଙ୍କର ସାଉନ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ଏକତା, ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ



ଛାତ୍ରୀଛାତ୍ରମାନେ ଶପଥ ନେଉଛନ୍ତି।

ନନ୍ଦପୁର, ୩୧।୧୦ (ଶଙ୍କର ପୂଜାରୀ)

#### ସିଦ୍ଧେଦେବୀ କନିଷ୍ଠ ମହାବିଦ୍ୟାଳୟ

ନନ୍ଦପୁରସ୍ଥିତ ସିଦ୍ଧେଦେବୀ କନିଷ୍ଠ ମହାବିଦ୍ୟାଳୟର କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୮ ତମ ଜୟନ୍ତୀକୁ ରାଷ୍ଟ୍ରୀୟ ଏକତା ଦିବସ ରୂପେ ମଙ୍ଗଳବାର ପାଳନ କରିଛନ୍ତି। ଦେଶର ସାର୍ବଭୌମତ୍ୱ ରକ୍ଷା କରିବାକୁ ଶପଥ ପାଠ କରିଛନ୍ତି। ଦୁର୍ନୀତି ନିବାରଣ ସପ୍ତାହ ପାଳନ ଲାଗି ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ସମୃଦ୍ଧ ରାଷ୍ଟ୍ର ଗଠନର ଶପଥ ପାଠ କରିଛନ୍ତି। ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ ପଟ୍ଟନାୟକ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ଦୁର୍ନୀତିଠାରୁ ନିଜକୁ ଓ ସମାଜକୁ ଦୂରେଇ ରଖିବାକୁ ସଚେତନ କରିଥିଲେ। ଅଧ୍ୟାପକ ଶ୍ରୀରାମ ପାତ୍ର, ଆଲଫର୍ଡ ୟୁଲିୟମ ତୁରୁକ, ରଞ୍ଜନ ବେହେରା, ହୃଷୀକେଶ ପୃଷ୍ଟି, ଦିଲ୍ଲୀପ ମହାନ୍ତି, ଅଧ୍ୟାପିକା ବାତସେବା ତାଣ୍ଡି, ତୃପ୍ତିପ୍ରଭା ପଟ୍ଟନାୟକ, ପ୍ରଜ୍ଞା ପାରମିତା ମହାରଣା, ଉଷା ପ୍ରଧାନ, ସିପ୍ରା ମଣ୍ଡଳ, ପ୍ରଭାକର ମହାରଣା, ଦୁର୍ଯ୍ୟୋଧନ ଦଳପତି, ନୃସିଂହ ତ୍ରିପାଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଅଧ୍ୟାପକ ରବି ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଏଆଇଟିୟୁସିର ପ୍ରତିଷ୍ଠା ଦିବସ




ଜୟପୁର,୩୧।୧୦ (ପବନ ପାଣିଗ୍ରାହୀ )

ଶ୍ରମିକ କର୍ମଚାରୀ ଭବନଠାରେ ଏଆଇଟିୟୁସିର ୧୦୪ତମ ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଛି । ଏଆଇଟିୟୁସି କୋରାପୁଟ ଜିଲା ଶାଖା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁଧିଷ୍ଠିର ରାଉଳ ଯୋଗ ଦେଇ ପତାକା ଉତ୍ତୋଳନ କରି ଆଜିର ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରରେ ରାମକୃଷ୍ଣ ଦାସ, ନିତ୍ୟାନନ୍ଦ ପାତ୍ର, ସନ୍ୟାସୀ ମାଳି, ଆକାଶ ବାଘ, ନିଳକଣ୍ଠ ହରିଜନ, ଶରତ ନାୟକ, ଦେବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ପରବ ପରେ ବ୍ଲକସ୍ତରୀୟ ପରବ

ନନ୍ଦପୁର, ୩୧।୧୦ (ଶଙ୍କର ପୂଜାରୀ)

ନଭେମ୍ବର ୩ରେ କୋରାପୁଟ ଜିଲାର ଲୋକ ମହୋତ୍ସବ 'ପରବ'ର ୨୮ତମ ଉଦ୍‌ଘାଟନୀ ଉତ୍ସବ ବୋରିଗୁମ୍ମା ବ୍ଲକ ମଙ୍ଗଳା ମନ୍ଦିରରୁ ଆରମ୍ଭ ହେବ। ଏହାର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବାକୁ ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଛି। ବୈଠକରେ ବିଡିଓ ଦୁର୍ଗା ପ୍ରସାଦ ଦୋରା, ଏସ୍‌ଡିପିଓ ସଞ୍ଜୟ ମହାପାତ୍ର, ଏସ୍‌ଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ବିଧାୟକ ପ୍ରତିନିଧି ଗୋପାଳ କୃଷ୍ଣ ବେବର୍ତ୍ତା, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ଜଗନ୍ନାଥ ପାଙ୍ଗି, ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରା, ଜିପିଇଓ ବେଦାନ୍ତ ମାଝୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦୁବରାଜ ମୁର୍ମୁ, ବିଜେଡି ବ୍ଲକ ସଭାପତି କାଶୀନାଥ ଗୋଲରି,୨୩ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପିଇଓ, ଯନ୍ତ୍ରୀ, ବିଭିନ୍ନ ବିଭାଗର ଅଧିକାରୀ, କଳାକାର, ବୁଦ୍ଧିଜୀବୀମାନେ ବୈଠକରେ ଉପସ୍ଥିତ ଥିଲେ। ଜିଲାସ୍ତରୀୟ ପରବର ଉଦ୍‌ଘାଟନୀ ସମାରୋହରେ ୨୩ ପଞ୍ଚାୟତର ଲୋକ ପ୍ରତିନିଧି, ସ୍ଥାନୀୟ କଳାକାରଙ୍କୁ ନେଇ ଗଠିତ ଢେମଶା ନୃତ୍ୟ ଦଳ, ବୁଦ୍ଧିଜୀବୀ ଶୋଭାଯାତ୍ରାରେ ଠାକୁରାଣୀ ମନ୍ଦିରରୁ ବାହାରି ବୋରିଗୁମ୍ମା ମଙ୍ଗଳା ମନ୍ଦିରରୁ ମଶାଲ ସଂଗ୍ରହ କରିବାକୁ ଯିବାକୁ ନିଷ୍ପତ୍ତି ହୋଇଥିଲା। ପରବର୍ତ୍ତୀ ବୈଠକରେ ବ୍ଲକସ୍ତରୀୟ ପରବ ପାଳନ ନେଇ ସ୍ଥିର କରାଯିବ ବୋଲି ବିଡିଓ ଦୋରା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଟଙ୍କଧର ଖରା, ଏସ୍‌କେ ଗଫୁର, ମୁନା ଦଳପତି, ବିଜୟଲକ୍ଷ୍ମୀ ପଟ୍ଟନାୟକ, କାଞ୍ଚନ ଖେମୁଣ୍ଡୁ, ରୁନୁ ସ୍ମିଥ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରିତା ଓରାମ, ଡିଇଓ ଅର୍ଜୁନ ମାଝୀ ପରିଚାଳନା କରିଥିଲେ।

# ଦେଶୀ ଧାନ ଫସଲ ପ୍ରଦର୍ଶନୀ ବୁଲି ଦେଖିଲେ ଚାଷୀ

କୁନ୍ଦୁରା,୩୧।୧୦ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତର ଘିଉରିଆଗୁଡା ଗ୍ରାମ ନିକଟରେ ଏମଏସ୍‌ସ୍ୱାମୀନଥାନ ଗବେଷଣା ପ୍ରତିଷ୍ଠାନ ସହାୟତାରେ ଚାଷ କରାଯାଇଥିବା ୧୦୧ କିସମ ଦେଶୀ ଧାନର ଉନ୍ନତ ବିହନ ସଂରକ୍ଷଣ ଲାଗି ଏକ କ୍ଷେତ୍ର ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କୁନ୍ଦୁରା ଓ ବୈପାରିଗୁଡା ବ୍ଲକର ଲିମା, ଆସନା, ଗୁଣ୍ଡାଲ, ଚେରକା ଓ କେନ୍ଦୁଗୁଡା ପଞ୍ଚାୟତର ୪୦ ଜଣ ଚାଷୀ କ୍ଷେତ୍ର ପରିଦର୍ଶନରେ ଆସିଥିଲେ। ଚାଷୀମାନେ ଏଠାରେ ଚାଷ କରାଯାଇଥିବା ବିଭିନ୍ନ ଦେଶୀ ଧାନଗୁଡ଼ିକ ବୁଲି ଦେଖିବା ପରେ ଏହି ୧୦୧ କିସମ ଧାନ ମଧ୍ୟରୁ ମାଛକଣ୍ଟା, ଉମ୍ରିଆଚୁଡ଼ି, ଡଙ୍ଗର ଚାଇନା ଭଳି ପ୍ରାୟ ୧୦ଟି ବିହନକୁ ଚିହ୍ନଟ କରିଥିଲେ। ସେମାନେ ଏହି ସବୁ ଧାନକୁ ଏହାର ପିଲ ସଂଖ୍ୟା, କେଣ୍ଡାର ଲମ୍ବା, ରୋଗ ସହାଣି ଓ ମରୁଡି ସହାଣି ଆଦି ଗୁଣ ଥିବାରୁ ବାଛିଥିବା କହିଥିଲେ। ସଂଯୋଜକ ଅମର ନାୟକ, ଉନ୍ନୟନ ସହାୟକ ଅନ୍ତର୍ଯ୍ୟମୀ ବଶୋୟୀ, ବନାଶ୍ରୀ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।




ଚାଷୀମାନେ କ୍ଷେତ୍ର ଅନୁଧ୍ୟାନ କରୁଛନ୍ତି।

# ଖାଲି ପଡ଼ିଛି ତହସିଲଦାର, ପୌରନିର୍ବାହୀ ଅଧିକାରୀ ପଦବୀ

ଉମରକୋଟ, ୩୧।୧୦(ସନ୍ତୋଷ ଶତପଥୀ)

- ଉମରକୋଟ ନୂତନ ବିଡିଓଙ୍କୁ ୩ ବିଭାଗର ଦାୟିତ୍ୱ
- ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ଆଶଙ୍କା

ନବରଙ୍ଗପୁର ଜିଲା ଉମରକୋଟ ସହରର ୪ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ବଦଳି କରାଯାଇଛି। ସ୍ଥାୟୀ ଅଧିକାରୀଙ୍କୁ ଯଦି ନିଯୁକ୍ତି ନ କରାଯାଏ ତାହେଲେ ଲୋକେ ସମସ୍ୟାର ସମ୍ମୁଖୀନ ହେବା ସହ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇପାରେ ବୋଲି ଆଶଙ୍କା ରହିଛି।

ଉମରକୋଟ ତହସିଲଦାର, ଅତିରିକ୍ତ ତହସିଲଦାର, ବିଡିଓ ଏବଂ ପୌର ନିର୍ବାହୀ ଅଧିକାରୀଙ୍କୁ ବଦଳି କରାଯାଇଛି। ଉମରକୋଟ ତହସିଲଦାର ତୁଳା ମୁଦୁଲି କୋଟପାଡ଼ ତହସିଲଦାର, ଅତିରିକ୍ତ ତହସିଲଦାର ଉମେଶ ପୂଜାରୀ ମାଲକାନଗିରି ଅତିରିକ୍ତ ତହସିଲଦାର, ବିଡିଓ ହିମାଞ୍ଚଳ ମାଝି ଧର୍ମଗଡ଼ ବିଡିଓ ଏବଂ ନିର୍ବାହୀ ଅଧିକାରୀ ରଷି ମାଝିଙ୍କୁ ଗଞ୍ଜାମ ଜିଲାର ପୋଲସରା ବିଜ୍ଞାପିତ ଅଞ୍ଚଳର ପରିଷଦ ନିର୍ବାହୀ ଅଧିକାରୀଭାବେ ବଦଳି କରାଯାଇଛି। ପ୍ରୀତିରଞ୍ଜନ ରଥଙ୍କୁ ଉମରକୋଟ ନୂତନ ବିଡିଓଭାବେ ନିଯୁକ୍ତି ମିଳିଛି। ଉମରକୋଟ ତହସିଲ କାର୍ଯ୍ୟାଳୟ ଓ ପୌର କାର୍ଯ୍ୟାଳୟ ବର୍ତ୍ତମାନ ମୁରବି ଶୂନ୍ୟ ହୋଇ ପଡିଛି। ନୂତନ ବିଡିଓ ପ୍ରୀତିରଞ୍ଜନ ରଥଙ୍କୁ ଏହି ଦୁଇଟି ବିଭାଗର ଦାୟିତ୍ୱ ଦିଆଯାଇଛି ।

ଉମରକୋଟ ତହସିଲଦାର ତୁଳା ମୁଦୁଲିଙ୍କୁ କୋଟପାଡ଼ ବଦଳି କରାଯାଇଛି। କୁନ୍ଦ୍ରା ତହସିଲଦାର ମାନସୀ ନାୟକଙ୍କୁ ଉମରକୋଟ ତହସିଲଦାର ଭାବେ ନିଯୁକ୍ତି ମିଳିଛି। କନ୍ଧମାଳ ଜିଲାର କୋଟଗଡ଼ ତହସିଲରେ କାର୍ଯ୍ୟରତ ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ନାୟକଙ୍କୁ ଉମରକୋଟ ପୌର ନିର୍ବାହୀ ଅଧିକାରୀଭାବେ ନିଯୁକ୍ତି ମିଳିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ ସନ୍ତୋଷ କୁମାର ନାୟକ କିନ୍ତୁ ଭଦ୍ରକ ଜିଲାର ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦରେ ନିର୍ବାହୀ ଅଧିକାରୀଭାବେ କାର୍ଯ୍ୟରେ ଯୋଗ ଦେଇ ସାରିଛନ୍ତି। ତେବେ ଏହି ଦୁଇ ଅଧିକାରୀ ଉମରକୋଟରେ ଯୋଗ ଦେବେ କି ନାହିଁ ତାହା ଏବେ ସନ୍ଦେହ ଘେରରେ। ଜଣେ ଅଧିକାରୀ ୩ ବିଭାଗର ଦାୟିତ୍ୱ ନେଲେ ଅନେକ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇପାରେ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏ ନେଇ ଉପଜିଲାପାଳ ପ୍ରକାଶ କୁମାର ମିଶ୍ରଙ୍କୁ ପଚାରିବାରୁ ବିଭିନ୍ନ ବିଭାଗରେ ଖାଲି ଥିବା ପଦବୀ ପୂରଣ ପାଇଁ ସରକାରଙ୍କ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ନିଯୁକ୍ତି ପାଇଥିବା ଅଧିକାରୀଙ୍କୁ ତୁରନ୍ତ କାର୍ଯ୍ୟରେ ଯାଗଦେବାକୁ ଆଉ ଏକ ଚିଠି କରାଯିବ ବୋଲି ସେ କହିଛନ୍ତି। ବିଡିଓଙ୍କୁ ୩ ବିଭାଗର ଦାୟିତ୍ୱ ଦିଆଯାଇଥିବା କଥାକୁ ସେ ସ୍ୱୀକାର କରିଛନ୍ତି।

## ସଂକ୍ଷେପରେ

### କଲେଜ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ନବରଙ୍ଗପୁର,୩୧।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ମହାବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀ ଗୃହରେ ରସାୟନ ବିଜ୍ଞାନ ଡେମୋନ୍‌ଷ୍ଟ୍ରେଟର ସହଦେବ ପଟ୍ଟନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କଲେଜ ଅଧ୍ୟକ୍ଷ ଡ. ଭାସ୍କର ନାଥ ବିଶ୍ୱାଳଙ୍କ ସଭାପତିତ୍ୱରେ କରାଯାଇଛି। ଦୀର୍ଘ ୩୭ ବର୍ଷରୁ ଅଧିକ ସମୟ ଧରି ମହାବିଦ୍ୟାଳୟରେ ନିରବଚ୍ଛିନ୍ନ ଓ ନିଷ୍ଠାପର ଭାବେ ନିଜର ଦାୟିତ୍ୱ ସମ୍ପାଦନ କରିଥିବା ସହଦେବଙ୍କୁ ସମସ୍ତେ ଧନ୍ୟବାଦ ଦେଇଥିଲେ। ଏହି ସମୟରେ ରସାୟନ ବିଜ୍ଞାନ ମୁଖ୍ୟ ଡି. ଗୋବିନ୍ଦ ରାଓ, ଅର୍ଥନୀତି ବିଜ୍ଞାନ ମୁଖ୍ୟ ଦିଲୀପ ହୋତା, ଇତିହାସ ବିଭାଗ ମୁଖ୍ୟ ସଙ୍ଗୀତା ତ୍ରିପାଠୀ, ଜୀବ ବିଜ୍ଞାନ ମୁଖ୍ୟ ଭାନୁମତି ସାହୁକାର, ପଦାର୍ଥ ବିଜ୍ଞାନ ମୁଖ୍ୟ ଜିତେନ୍ଦ୍ର ରଥ, ଇତିହାସ ବିଭାଗ ଅଧ୍ୟାପକ ଉଜ୍ଜ୍ୱଳ ମହାନନ୍ଦିଆ ସହଦେବଙ୍କୁ ଶୁଭେଚ୍ଛା ଜଣାଇଥିଲେ। କଲେଜ ଅଧ୍ୟକ୍ଷ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଉପହାର ପ୍ରଦାନ ସହ ଉପଢୌକନ ଦେଇ ସହଦେବ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦର୍ଶନ ଶାସ୍ତ୍ର ବିଭାଗ ମୁଖ୍ୟ ଶମ୍ଭୁ ପ୍ରସାଦ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କୋଡ଼ିଙ୍ଗାରେ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ



କୋଡ଼ିଙ୍ଗା, ୩୧।୧୦(ସମରେନ୍ଦ୍ର ପଟ୍ଟନାୟକ)

କୋଡ଼ିଙ୍ଗାରେ କୋଷାଗୁମୁଡ଼ା ବ୍ଲକ କଂଗ୍ରେସ ସଭାପତି ପଦମସାଏ ମାଳିଙ୍କ ତତ୍ତ୍ୱାବଧାନରେ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀମାନେ ଇନ୍ଦିରା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ସମୟରେ ଯୁବ କଂଗ୍ରେସ ସଭାନେତ୍ରୀ ଲିପିକା ମାଝି, ଦିଲୀପ ପ୍ରଧାନୀ, ନନ୍ଦାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ବୃନ୍ଦାବନ ତ୍ରିପାଠୀ, ପାପଡ଼ାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ମିଶ୍ର, ଜିଲା କଂଗ୍ରେସ ଉପସଭାପତି ଧରମ ସିଂ, ବାବୁଲି ବାଘ, ସଞ୍ଜୀବ ବିଷୋୟୀ,ଧନୁର୍ଜୟ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

### ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱାମୀଙ୍କ ପରଲୋକ



ମାଲକାନଗିରି, ୩୧।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷା ପଦ୍ମିନୀ ମୁଦୁଲିଙ୍କ ସ୍ୱାମୀ ନୀଳକଣ୍ଠ ମୁଦୁଲିଙ୍କର ମଙ୍ଗଳବାର ଦେହାନ୍ତ ହୋଇଛି। ଖବର ଜଣାପଡ଼ିବା ପରେ ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତି ଏବଂ ବିଜୁ ଜନତା ଦଳର କର୍ମୀଙ୍କ ମଧ୍ୟରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା। ସ୍ୱର୍ଗତ ମୁଦୁଲିଙ୍କ ଶେଷକୃତ୍ୟରେ ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ବୁରୁଦା, ଜିଲା ଆଇନ ସାମ୍ମୁଖ୍ୟ ସଭାପତି ଗୋପାଳକୃଷ୍ଣ ପଣ୍ଡା, ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ସୁନିତା ଜେନା, ପ୍ରଶାନ୍ତି ଲତା ବିଶୋଇ, ସିନ୍ଧ୍ରିମାଳ ସରପଞ୍ଚ ଘାସି ନାୟକ, ଜିଲା ଯୁବ ଉପସଭାପତି କଣ୍ଟେଶ୍ୱର ପଟଲା, କେ. ରାହୁଲଙ୍କ ସହ ବିଶିଷ୍ଟ ବ୍ୟକ୍ତି ଏବଂ ଦଳୀୟ କର୍ମୀମାନେ ଯୋଗଦେଇ ତାଙ୍କ ଶେଷଦର୍ଶନ କରିଥିଲେ ।

# ଜାତୀୟ ଅଖଣ୍ଡତା ବଜାୟ ରଖିବାକୁ ଶପଥ



ଶପଥପାଠ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ନବରଙ୍ଗପୁର,୩୧।୧୦(ସଦାଶିବ ପ୍ରହରାଜ)

**ନବରଙ୍ଗପୁର ଜିଲାସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ**

ନବରଙ୍ଗପୁରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଦିନ ତଥା ରାଷ୍ଟ୍ରୀୟ ଏକତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ବିବିଧତା ମଧ୍ୟରେ ଏକତାର ଭାବନାକୁ ପ୍ରୋତ୍ସାହିତ କରି ଜାତୀୟ ଅଖଣ୍ଡତା ବଜାୟ ରଖିବାକୁ ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆହ୍ୱାନ ଦିଆଯାଇଛି। ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ନିମନ୍ତେ ନିଜକୁ ସମର୍ପଣ କରିବାକୁ ରାଷ୍ଟ୍ରୀୟ ଏକତାର ଶପଥ ନିଆଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ଜେନେରାଲ) ମହେଶ୍ୱର ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ନବୀନ ଚନ୍ଦ୍ର ନାୟକ ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ଶପଥପାଠ କରାଇଛନ୍ତି। ଏହି ଶପଥପାଠ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ପି. ମନସ୍ମିତା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା, ଜିଲା ମଙ୍ଗଳ ଅଧିକାରୀ ପାଳକା ରବୀନ୍ଦ୍ର, ଡିଆଇପିଆର୍‌ଓ ହଳଧର ନିଆଲ, ଡିଆଇଓ ବିଶ୍ୱରଞ୍ଜନ ଭୁକ୍ତା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲା କ୍ରୀଡ଼ାଧିକାରୀ ବିନାୟକ ଖାଡଙ୍ଗା, ସହକାରୀ ଜିଲାପାଳ ଆଶୁତୋଷ ପାତ୍ର, ଅମଲା ସଂଘ ସଭାପତି ବାଲାଜୀ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ।

## ହରିହର ମିଶ୍ରଙ୍କ ଶ୍ରାଦ୍ଧ ଦିବସ

ଜୟପୁର,୩୧।୧୦ (ପବନ ପାଣିଗ୍ରାହୀ )

ଜୟପୁର ପୂଜ୍ୟପୂଜା ସଂସଦ ପକ୍ଷରୁ ନବ ଉତ୍କଳ ନିର୍ମାଣରେ ଓଡିଶାକୁ ମିଶାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସ୍ୱର୍ଗତ ହରିହର ମିଶ୍ରଙ୍କ ୪୮ତମ ଶ୍ରାଦ୍ଧଦିବସ ମଙ୍ଗଳବାର ପାଳିତ ହୋଇଯାଇଛଇ। ଏହି ଅବସରରେ ଗଙ୍ଗାନଗରସ୍ଥିତ ସ୍ମୃତି ସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ସାଧାରଣ ସମ୍ପାଦକ ତପନ କିରଣ ତ୍ରିପାଠୀ, ଦେବେନ୍ଦ୍ର ବାହିନୀପତି, କାଉନସିଲର ସୁଷମା ମହାପାତ୍ର ଉପସ୍ଥିତ ଥିଲେ।

## ଜଙ୍ଗଲରେ ଅବକାରୀ ଚଢାଉ

ଜୟପୁର,୩୧।୧୦ (ପବନ ପାଣିଗ୍ରାହୀ )

ଜୟପୁର ସଦର ଥାନା ଅନ୍ତର୍ଗତ କୁସୁମପୁଟ ଜଙ୍ଗଲରେ ମଙ୍ଗଳବାର ଅବକାରୀ ବିଭାଗ ଚଢାଉ କରି ମଦ ଓ ପୋଚ ଜବତ କରିଛି। ସମ୍ପର୍କରେ ସୂଚନା ପାଇ ମଦ ବ୍ୟବସାୟୀ ମାନେ ଫେରାର ହୋଇଯାଇଥିଲେ। ଘଟଣା ସ୍ଥଳରୁ ୮ଶହ ଲିଟର ପୋଚ ଓ ୬୦ ଲିଟର ଦେଶୀ ମଦ ଓ ମଦରନ୍ଧା ସରଞ୍ଜାମ ଜବତ କରି କର୍ମଚାରୀମାନେ ଫେରିଥିବା ବିଭାଗ ପକ୍ଷରୁ କୁହାଯାଇଛି।

# ଇନ୍ଦିରାଙ୍କ ଆଦର୍ଶରେ ଅନୁପ୍ରାଣିତ ମହିଳାଙ୍କୁ ସମ୍ବର୍ଦ୍ଧନା



ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଅତିଥି, ମହିଳା ଓ ଅନ୍ୟମାନେ।

ଚନ୍ଦାହାଣ୍ଡି, ୩୧ ।୧୦ (ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚନ୍ଦାହାଣ୍ଡି ଇନ୍ଦିରା ଛକସ୍ଥିତ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସମସ୍ତ ଦଳୀୟ ନେତା ଓ ଜନସାଧାରଣ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବ୍ଲକ ସଭାପତି ହୁମେଶ୍ୱର ହଂସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା କ୍ଷେମରାଜ ବାଘ ଯୋଗ ଦେଇ ଇନ୍ଦିରା ଗାନ୍ଧୀଙ୍କ ସ୍ମୃତି ଚାରଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଗତ ଦିନ ରେ କଂଗ୍ରେସ ଦଳ ଓ ଇନ୍ଦିରା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିବା ସଂଖ୍ୟାଧିକ ପରିବାରର ମହିଳାଙ୍କୁ ଉପଢୌକନ ଓ ଶାଢ଼ି ପ୍ରଦାନ କରି ବ୍ଲକ କଂଗ୍ରେସ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜୋନ ସଭାପତି ଜଗଦୀଶ ବାଘ, ବରିଷ୍ଠ ନାରୀ ନେତ୍ରୀ ଚମ୍ପା ଦେଇ, ଲକ୍ଷ୍ମଣ ଜଗତ, ରୁପେଶ ବାଘ, ମୋହନ ବାଘ, ଦେବରାଜ ବାଘ, କନ୍ତୁଲା ଜଗତ, ସୁନ୍ଦରୀକା ଦେଇ, ସରସ୍ୱତୀ ଦେଇ, ଚୈତନ୍ୟ ନିହାଲ, କୁନି ଦେଇ, ପବିତ୍ର ଜଗତ, ଚେଶ୍ରାଜ ବାଘ ପ୍ରମୁଖ ଉପସ୍ଥିତ ଥିଲେ।

## ଇନ୍ଦିରା ଗାନ୍ଧୀଙ୍କୁ ମନେପକାଇଲେ କଂଗ୍ରେସ ନେତା, କର୍ମୀ



ଉମରକୋଟ ସାନ ଭରଣ୍ଡିସ୍ଥିତ ଇନ୍ଦିରା ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି।

ଉମରକୋଟ,୩୧।୧୦(ସନ୍ତୋଷ ଶତପଥୀ)

ଉମରକୋଟ ସାନ ଭରଣ୍ଡିସ୍ଥିତ ଇନ୍ଦିରା ପଡ଼ିଆରେ ପୂର୍ବତନ ମନ୍ତ୍ରୀ ପରମା ପୂଜାରୀଙ୍କ ସଭାପତିତ୍ୱରେ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ଏକ କାର୍ଯ୍ୟକ୍ରମ କରାଯାଇଛି। ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ମନୋରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଇନ୍ଦିରାଗାନ୍ଧୀ ମୃତ୍ୟୁର ଦିନକ ପୂର୍ବରୁ ସାନଭରଣ୍ଡିସ୍ଥିତ ଏହି ପଡିଆରେ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ ବୋଲି ପୂର୍ବତନ ମନ୍ତ୍ରୀ ପରମା ପୂଜାରୀ କହିଛନ୍ତି। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଏଆଇ ସିସି ସଭ୍ୟା ମନସା ତ୍ରିପାଠିଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ସୁରେନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। ସେହିଭଳି ଉମରକୋଟ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ମଧ ଇନ୍ଦିରା ଗାନ୍ଧୀଙ୍କ ୩୯ତମ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ନଗର କଂଗ୍ରେସ ସଭାପତି ମାର୍କଣ୍ଡ ସାହୁଙ୍କ ନେତୃତ୍ୱରେ ଏହି ଶ୍ରାଦ୍ଧ ଦିବସ କାର୍ଯ୍ୟକ୍ରମ କରାଯାଇଛି। ଏହି ସମୟରେ ବରିଷ୍ଠ କଂଗ୍ରେସ ନେତା ବିଘ୍ନରାଜ ସାନ୍ତ୍ରା, ବିଧାୟକ ପ୍ରାର୍ଥୀ ସନରାଜ ଗଣ୍ଡ, ପିସିସି ସଦସ୍ୟ ଶଙ୍କର ଦେ, ପିସିସି ସଦସ୍ୟ ସାଇନାରାୟଣ ପାଢ଼ୀ, ନଗର ଉପସଭାପତି ଏସ୍.ବିଜୟ, ବ୍ଲକ କଂଗ୍ରେସ ସଭାପତି କୃଷ୍ଣଚନ୍ଦ୍ର ମାଝି, ଯୁବ କଂଗ୍ରେସ ସଭାପତି ନୀଳମାଧବ ନାୟକ, ସଭ୍ୟ ଅମୂଲ୍ୟ ପଟ୍ଟନାୟକ, ଯୁବ କଂଗ୍ରେସ ସଭ୍ୟ ଗୌତମ ପଟ୍ଟନାୟକ, ଏସି ସେଲ ସଦସ୍ୟ ଜଗନ୍ନାଥ ହରିଜନ, ଶଙ୍କର ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଦାମ, ଦୋକାନରେ ଜିଏସ୍‌ଟି ଚଢ଼ାଉ

**ବିନା ବିଲ୍‌ରେ କାରବାର ଚାଲିଥିବା ଅଭିଯୋଗ**

ଝରିଗାଁ, ୩୧।୧୦(କିଶୋର ଚନ୍ଦ୍ର ମଣ୍ଡଳ)



ଚଟା ଗ୍ରାମସ୍ଥିତ ଦୋକାନରେ ଯାଞ୍ଚ ଚାଲିଛି।

ସିଟି ଏବଂ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଭବାନିପାଟଣା ରେଞ୍ଜ ଜିଏସଟି ବିଭାଗ ପକ୍ଷରୁ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚଟା ପଞ୍ଚାୟତ ସଦରସ୍ଥିତ ଜୟଦୁର୍ଗା ଟ୍ରେଡର ଦୋକାନ ଓ ଗୋଦାମରେ ଚଢ଼ାଉ କରାଯାଉଛି। ୩ ସ୍ଥାନରେ ଜିଏସ୍‌ଟି ଅଧିକାରୀଙ୍କ ପକ୍ଷରୁ ଯାଞ୍ଚ କରାଯାଇଥିବା ଜଣାପଡ଼ିଛି। ଏହିଯାଞ୍ଚ ପ୍ରକ୍ରିୟା ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୯ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ଏନ୍‌ଫୋର୍ସମେଣ୍ଟ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତ ଭବାନୀପାଟଣା ରେଞ୍ଜ ଅତିରିକ୍ତ କମିଶନର ନିଳାଦ୍ରୀ ଦାଡ଼ିଆଙ୍କ ସହ ସିଟି ଓ ଜିଏସ୍‌ଟି ଅଧିକାରୀ ଭବାନୀ ପଟେଲ, ଟଙ୍କଧର ସାହୁ, ଅଶ୍ୱିନୀ ପାଢ଼ୀ, ନିମେଶ ସାହୁ ଓ ସୁଧାଂଶୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଞ୍ଚଳ ଛତିଶଗଡ଼ ରାଜ୍ୟ ସୀମାରେ ରହୁଥିବା ବେଳେ ଏଠାରେ ବହୁ ବ୍ୟବସାୟୀ ବିନା ଜିଏସ୍‌ଟି ବିଲ୍‌ରେ କାରବାର କରୁଥିବା ନେଇ ଜିଏସ୍‌ଟି ମୁଖ୍ୟ କାର୍ଯ୍ୟାଳୟରେ ଅଭିଯୋଗ ହୋଇଥିଲା। ଏହି ଆଧାରରେ ଚଢାଉ କରାଯାଇଅଛି। ବ୍ୟବସାୟୀ ନଗଦ କାରବାର କରୁଥିବାବେଳେ ବିକ୍ରୟ ବିଲ୍ ନ ଥିବା ଜିଏସ୍‌ଟି ଅଧିକାରୀ ସୂଚନା ଦେଇଛନ୍ତି। ଯାଞ୍ଚବେଳେ ଅଧିକାରୀମାନେ କିଛି ବିଲ୍ ବୁକ୍ ସହ କ୍ରୟ ହୋଇଥିବା ରସିଦ ନିଜ ସହ ନେଇଥିବା ଦେଖାଦେଇଛି। ଆଗକୁ ଆହୁରି କିଛି ଦୋକାନ ଓ ଗୋଦମ୍ ଉପରେ ଚଢାଉ କରାଯିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି।

## ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୩୧।୧୦ (ପବନ ପାଣିଗ୍ରାହୀ)

ଜଣେ ଫେରାର ଅଭିଯୁକ୍ତଙ୍କୁ ସଦର ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଧନପୁରର କୃଷ୍ଣ ବାହାଦୁର ଏଲିୟସ ଗାଦବା (୨୮) । କୃଷ୍ଣଙ୍କ ନାମରେ ସଦର ଥାନାରେ ଅପରାଧିକ ମାମଲା ରହିଥିଲା। ସେବେଠାରୁ ସେ ଫେରାର ଥିଲେ। ମଙ୍ଗଳବାର କୃଷ୍ଣ ଧନପୁରରେ ଥିବା ସୂଚନା ପାଇ ଚଢାଉ କରି ତାଙ୍କୁ ଗିରଫ କରାଯାଇଛଇ ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

## ମୋ ଘର ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କ ବିକ୍ଷୋଭ

ପୋଟେରୁ,୩୧।୧୦(ସୌରଭ ମଣ୍ଡଳ)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଗୁମୁକା ପଞ୍ଚାୟତ ଏମ୍‌ପିଭି ୧୦ ଗ୍ରାମରେ ମୋ ଘର ଯୋଜନାକୁ ନେଇ ହିତାଧିକାରୀ ହଇରାଣ ହୋଇଛନ୍ତି। ଗ୍ରାମର କେତେକ ହିତାଧିକାରୀ ମୋ ଘର ଯୋଜନାରେ ଋଣ ପାଇଁ ଆବେଦନ କରିଥିଲେ। ଋଣ ଅନୁମୋଦନ ମଧ୍ୟ ହୋଇଥିଲା। କିନ୍ତୁ ବ୍ୟାଙ୍କ ଗଲାବେଳକୁ ଏମ୍‌ଭି ୬୪ ଶାଖା ପରିଚାଳକ ଶିବ ରଞ୍ଜନ ପଟ୍ଟନାୟକ ଲୋକଙ୍କ ଋଣ ନାକଚ କରିଦେଇଥିଲେ। ଏଭଳି କେତେ ଅଭିଯୋଗ ଆଣିଛନ୍ତି ଏମ୍‌ପିଭି ୧୦ ଗ୍ରାମର ଋଣ ଆବେଦନ କରିଥିବା କେତେଜଣ ହିତାଧିକାରୀ। ଯଦି ସରକାର ସେମାନଙ୍କୁ କୃଷିଋଣ ଦେଉଛନ୍ତି, ଖଜଣା ନ ବାନ୍ଧିଲେ ଘରକୁ ନୋଟିସ୍ ପଳାଇ ଆସୁଛି। ତେବେ ସେମାନେ ସରକାରଙ୍କ ଏହି ମୋ ଘର ଯୋଜନା ଋଣ କାହିଁକି ପାଇପାରିବେ ନାହିଁ ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇ ବ୍ୟାଙ୍କ ସମ୍ମୁଖରେ ସୋମବାର ବିକ୍ଷୋଭ କରିଥିବା ଦେଖିବାକୁ ମିଳିଥିଲା। ତେବେ ଏ ବାବଦରେ ଶାଖା ପରିଚାଳକ ପଟ୍ଟନାୟକଙ୍କୁ ଯୋଗାଯୋଗ କରିବାରୁ ଆର୍‌ଓଆର୍ ତଥା ପଟ୍ଟା ଏବଂ ଆବେଦନକାରୀଙ୍କ ନାମ ଅଲଗା ଥିବାରୁ ଋଣ ନାକଚ ହୋଇଛି ବୋଲି ସେ କହିଥିଲେ।




ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# କର୍ମକ୍ଷେତ୍ରରେ କର୍ମଚାରୀଙ୍କୁ ଯୌନ ନିର୍ଯାତନା ସଚେତନତା

ମାଲକାନଗିରି, ୩୧।୧୦(ଦୁର୍ଯ୍ୟୋଧନ ପାତ୍ର)



କର୍ମଚାରୀମାନଙ୍କୁ ସଚେତନ କରାଯାଉଛି।

ମାଲକାନଗିରି ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ କାମ କରୁଥିବା କର୍ମଜୀବୀ ମହିଳା ଓ ପୁରୁଷ ଅଧିକାରୀମାନଙ୍କୁ ନେଇ ଏକ ଜିଲାସ୍ତରୀୟ ଆଇନ ସଚେତନତା ଶିବିର ସ୍ଥାନୀୟ ଡିଆର୍‌ଡିଏ ସମ୍ମିଳନୀ ଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଚେତନତା ଶିବିରରେ ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସତ୍ୟପ୍ରିୟ ଦାସ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝି, ଆଇନ ସେବା ପ୍ରାଧିକରଣର ସଚିବ ତଥା ବରିଷ୍ଠ ବିଚାରପତି ରାକେଶ କୁମାର ମୁଦୁଲି, ଜିଲା ଅଦାଲତ ରେଜିଷ୍ଟ୍ରାର ଅରୂପ କୁମାର ନାୟକ, ଆଇନସେବା ପ୍ରାଧିକରଣ ପ୍ରମୁଖ ପ୍ରତିରକ୍ଷା ଓକିଲ ଅଶୋକ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଓ ମୁଖ୍ୟ ଅତିଥି କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ଆଇନ ୨୦୧୩ ସମ୍ପର୍କରେ ଏହାର ଅଭିଯୋଗ ପ୍ରଣାଳୀ, ମଧ୍ୟସ୍ଥ କମିଟି, ସ୍ଥାନୀୟ କମିଟି, ଅଭିଯୋଗ ସମାଧାନ ପ୍ରକ୍ରିୟା, ଅନ୍ତରୀଣ ନିର୍ଦ୍ଦେଶ, କ୍ଷତିପୂରଣ ବ୍ୟବସ୍ଥା, ମିଥ୍ୟା ଅଭିଯୋଗରେ ଅଭିଯୋଗକାରୀଙ୍କୁ ଦଣ୍ଡ ବ୍ୟବସ୍ଥା, ଆଇନ ଅମାନ୍ୟ କଲେ ଅଧିକାରୀଙ୍କ ଦାୟିତ୍ୱ, ଦଣ୍ଡ ବ୍ୟବସ୍ଥା ଏବଂ ଉଚ୍ଚତମ ନ୍ୟାୟାଳୟ ଦ୍ୱାରା ପ୍ରଦତ୍ତ ଶାଖା ନିର୍ଦ୍ଦେଶାବଳୀ ତଥା ଉକ୍ତ ଆଇନ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଏରୋଲିଅନ ଫରନାଡେଜ୍ ବନାମ ଗୋଆ ମାଧ୍ୟମରେ ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶାବଳୀ ଉପରେ ଆଲୋକପାତ କରି ସଚେତନ କରାଯାଇଥିଲା। ଉପସ୍ଥିତ ଅଧିକାରୀ ତଥା କର୍ମଚାରୀଗଣଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦିଆଯାଇଥିଲା। ଜିଲାରେ ଉକ୍ତ ଆଇନର ଠିକ୍ କାର୍ଯ୍ୟକାରୀ ନିମନ୍ତେ ରାଜ୍ୟ ଆଇନସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ଜିଲା ଆଇନସେବା ପ୍ରାଧିକରଣ ଉପରେ ନ୍ୟସ୍ତ ଦାୟିତ୍ୱ, କର୍ତ୍ତବ୍ୟ, ଜିଲାରେ ଗରିବ, ନିଷ୍ପେଷିତ ଓ ଦଳିତ ଶିଶୁ, ମହିଳା ଆଦି ଦିଗରେ ଆଇନସେବା ପ୍ରାଧିକରଣର ଉଲ୍ଲେଖନୀୟ କାର୍ଯ୍ୟକ୍ରମଗୁଡିକ ଉପରେ ଆଇନଜୀବୀ ତଥା ପ୍ରମୁଖ ପ୍ରତିରକ୍ଷା ଓକିଲ ଆଶୋକ ପଟ୍ଟନାୟକ ଆଲୋକପାତ କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

